# DETAILED SYLLABUS FOR CATEGORY-I APPLICANTS

## Paper – I
### Section – I (20 Marks)

**ପ୍ରଥମ ଭାଷା (Language-I : MIL - ODIA)**

ଏହି ପାଠ୍ୟକ୍ରମରେ ପୂର୍ଣ୍ଣସଂଖ୍ୟା ୨୦ ଏବଂ ଏଥିପାଇଁ ୨୦ଟି ପ୍ରଶ୍ନ ରହିବ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ - ୧ ନମ୍ବର । ପ୍ରତ୍ୟେକ ପ୍ରଶ୍ନର କ୍ରମସଂଖ୍ୟା କେବଳ ୧, ୩,୪ କ୍ରମରେ ପ୍ରତି ପ୍ରଶ୍ନ ସହ ଚାରିଟି ସଂଭାବ୍ୟ ଉତ୍ତର ଦିଆଯାଇଥିବ, ତା'ମଧ୍ୟରୁ ସବୁଠାରୁ ଉପଯୁକ୍ତ ଉତ୍ତରକୁ ବାଛିବାକୁ ହେବ ।

ନିମ୍ନ ପ୍ରଦତ୍ତ ବିଷୟମାନଙ୍କରୁ ପ୍ରଶ୍ନ ପ୍ରସ୍ତୁତ କରାଯିବ ।

୧. ଅବବୋଧ ପରୀକ୍ଷଣ : ପ୍ରାୟ ୧୫୦ ଶବ୍ଦ ବିଶିଷ୍ଟ ଏକ ଗଦ୍ୟ ଅନୁଚ୍ଛେଦ ପ୍ରଦାନ କରାଯାଇ, ତା'ର ଆଧାରରେ ୫ଟି ପ୍ରଶ୍ନ କରାଯିବ । ପ୍ରତିପ୍ରଶ୍ନର ୪(ଚାରି)ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ପ୍ରଦତ୍ତ ହୋଇଥିବ । ପରୀକ୍ଷାର୍ଥୀ ତା'ଭିତରୁ ସବୁଠାରୁ ଉପଯୁକ୍ତ ଉତ୍ତରଟିକୁ ବାଛିବାକୁ ହେବ । ପ୍ରତି ଉପଯୁକ୍ତ ଉତ୍ତର ପାଇଁ ୧ ନମ୍ବର ।

୨. ପଦ ନିର୍ଣ୍ଣୟ : ଗୋଟିଏ ନିର୍ଦ୍ଦିଷ୍ଟ ବାକ୍ୟ ଦିଆଯାଇ ତହିଁରୁ ଗୋଟିଏ ପଦକୁ ରେଖାଙ୍କିତ କରି ସେହି ପଦଟିକୁ ଚିହ୍ନାଇବା ପାଇଁ ପ୍ରଶ୍ନକରାଯିବ । ଏଥିପାଇଁ ଚାରିଟି ସଂଭାବ୍ୟ ଉତ୍ତର ଦିଆଯିବ; ପରୀକ୍ଷାର୍ଥୀ ଠିକ୍ ଉତ୍ତରଟିକୁ ବାଛିବେ ।

ଏହି ପରି ବିଶେଷ୍ୟ / ସର୍ବନାମ / ବିଶେଷଣ / ଅବ୍ୟୟ / କ୍ରିୟାପଦ ଇତ୍ୟାଦି ୫ ପ୍ରକାର ମଧ୍ୟରୁ ୨ପ୍ରକାରର ୨ଟିକୁ ଚିହ୍ନାଇବାକୁ ହେବ । ଏଥିପାଇଁ ଭିନ୍ନ ଭିନ୍ନ ଦୁଇଟି ବାକ୍ୟ ମାଧ୍ୟମରେ ଦୁଇଟି ପ୍ରଶ୍ନ କରାଯିବ ।

୩. ବାକ୍ୟ ପରିଚିତି : ସରଳ, ଯୌଗିକ, ଓ ଜଟିଳ ବାକ୍ୟ କିମ୍ବା ଦୁଇପ୍ରକାର ବାକ୍ୟର ମିଶ୍ରରୂପ ଭିତରୁ ଯେକୌଣସି ବାକ୍ୟଟି ପ୍ରଶ୍ନରେ ଦେଇ ତାହାର ପ୍ରକାର ଚିହ୍ନାଇବାକୁ କୁହାଯିବ । ସଂଭାବନା ସ୍ୱରୂପ ଚାରିପ୍ରକାର ଉତ୍ତର ଦିଆଯିବ, ତା'ମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟିକୁ ବାଛିବେ ।

୪. ଣତ୍ୱ / ଷତ୍ୱ ବିଧି : ୨ଟି ମଧ୍ୟରୁ ଗୋଟିଏ ଆଧାରରେ ପ୍ରଶ୍ନ ପ୍ରସ୍ତୁତ କରି ୪ଟି ସମ୍ଭାବ୍ୟ ଉତ୍ତର ଦେଇ ଗୋଟିଏ ବାଛିବାକୁ କୁହାଯିବ ।

୫. ସାଧାରଣ ଅଶୁଦ୍ଧି : ଶବ୍ଦ ଓ ବାକ୍ୟ ପ୍ରତ୍ୟେକରୁ ଗୋଟିଏ ଲେଖା ପ୍ରଶ୍ନ ଦିଆଯାଇ ସେଥିରୁ ଠିକ୍ ଉତ୍ତରଟି ବାଛିବାକୁ କୁହାଯିବ ।

୬. ରୂଢ଼ି: ୨ଟି ପ୍ରଶ୍ନ ଦିଆଯାଇ ପ୍ରତ୍ୟେକର ଚାରିଟି ସମ୍ଭାବ୍ୟ ଅର୍ଥ ଦିଆଯିବ ଓ ଠିକ୍ ଉତ୍ତର ବାଛିବାକୁ ନିର୍ଦ୍ଦେଶ ରହିବ ।

୭. ଅଳଙ୍କାର : ଅନୁପ୍ରାସ, ଉପମା, ଉତ୍ପ୍ରେକ୍ଷା, ରୂପକ, ଶ୍ଲେଷ - ୫ଟି ଅଳଙ୍କାର ମଧ୍ୟରୁ ୨ଟି ସ୍ୱତନ୍ତ୍ର ଉଦ୍ଧୃତି ଦିଆଯାଇ ଅଳଙ୍କାର ଚିହ୍ନାଇବାକୁ ପ୍ରଶ୍ନକରାଯିବ। ସମ୍ଭାବ୍ୟ ଚାରିଟି ଉତ୍ତରରୁ ଗୋଟିଏ ବାଛିବାକୁ ବ୍ୟବସ୍ଥା କରାଯିବ।

୮. କୃଦନ୍ତ : ଗୋଟିଏ କୃଦନ୍ତ ନିଷ୍ପନ୍ନ ପଦର ଗଠନ କିମ୍ବା ପ୍ରତ୍ୟୟ ଚିହ୍ନାଇବାକୁ ପ୍ରଶ୍ନକରାଯିବ । ୪ଟି ସମ୍ଭାବ୍ୟ ଉତ୍ତର ଦିଆଯାଇ ଠିକ୍ ଉତ୍ତରଟି ବାଛିବାକୁ ନିର୍ଦ୍ଦେଶ ରହିବ ।

୯. ତଦ୍ଧିତ : ଗୋଟିଏ ତଦ୍ଧିତ ନିଷ୍ପନ୍ନ ପଦ ଦିଆଯାଇ ପ୍ରତ୍ୟେୟ ନିର୍ଣ୍ଣୟ କିମ୍ବା ଚାରିଟି ଭିନ୍ନଭିନ୍ନ ଶବ୍ଦ ମଧ୍ୟରୁ ତଦ୍ଧିତ ନିଷ୍ପନ୍ନ ଠିକ୍ ଶବ୍ଦଟିଏ ରଖି ତାକୁ ଚିହ୍ନାଇବାକୁ କୁହାଯିବ ।

୧୦. ସମାସ : ତତ୍ପୁରୁଷ, କର୍ମଧାରୟ, ବହୁବ୍ରୀହି, ଦ୍ୱିଗୁ, ଦ୍ୱନ୍ଦ୍ୱ, ଅବ୍ୟୟୀଭାବ ସମାସ ମଧ୍ୟରୁ ୨ଟି ପ୍ରଶ୍ନ କରାଯାଇ ସମାସ ଚିହ୍ନାଇବାକୁ କିମ୍ବା ବ୍ୟାସ ବାକ୍ୟ ଦିଆଯାଇ ସମାସ ନିଷ୍ପନ୍ନ ପଦ ନିର୍ଣ୍ଣୟ କରିବାକୁ ଦିଆଯିବ । ଏଥିପାଇଁ ପ୍ରତିଟିର ୪ଟି ସମ୍ଭାବ୍ୟ ଉତ୍ତର ପ୍ରଦାନ କରି ଠିକ୍‌ଟିକୁ ବାଛିବାକୁ ନିର୍ଦ୍ଦେଶ ରହିବ ।

୧୧. ବିଭକ୍ତି : ବାକ୍ୟଟିଏ ଦିଆଯାଇ ସେଥିରୁ ରେଖାଙ୍କିତ ପଦର ବିଭକ୍ତି ଚିହ୍ନାଇବାକୁ କୁହାଯିବ ଏବଂ ଏଥିପାଇଁ ୪ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଥିବ ।